# 'ଉତ୍ସବ ମାଧ୍ୟମରେ ପିଲାଙ୍କ ଦକ୍ଷତା ବୃଦ୍ଧି ହୁଏ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର,୧୫।୧(ମାନସ ବିଶ୍ୱାଳ)**

## 'କିଡ୍ସ ଫେଷ୍ଟ-୨୦୨୪' ଉଦ୍‌ଘାଟିତ

ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ପରିସରରେ 'କିଡ୍ସ ଫେଷ୍ଟ-୨୦୨୪' ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ରୋଟାରୀ କ୍ଲବର ଯୁବ ସଙ୍ଗଠନ ରୋଟାରାକ୍ଟ କ୍ଲବ ଆନୁକୂଲ୍ୟରେ ଏହି ଉତ୍ସବ ଦୀର୍ଘ ୮ବର୍ଷରେ ପଦାର୍ପଣ କରିଛି। ୧ରୁ ୬ବର୍ଷର ଶିଶୁମାନଙ୍କ ମଧ୍ୟରେ ନାଚ, ଗୀତ, ଫ୍ୟାନ୍ସି ଡ୍ରେସ୍, ଗଳ୍ପ ଆବୃତ୍ତି, ଚିତ୍ରାଙ୍କନ, ଆର୍ଟ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲୁ ରହିବ। ପ୍ରାରମ୍ଭିକ ଉତ୍ସବରେ ରୋଟାରାକ୍ଟ କ୍ଲବ ସଭାପତି ସେକ୍ ଅସ୍‌ଗର ଅଲ୍ଲି ସଭାପତିତ୍ୱ କରିଥିଲେ। ରୋଟାରୀ କ୍ଲବ ସଭାପତି ପ୍ରଦୀପ କୁମାର ପଣ୍ଡା ଓ ସମ୍ପାଦକ ସୁଧାଂଶୁ ପଣ୍ଡା ମିଳିତ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ଲବର ମୁଖ୍ୟ ଉପଦେଷ୍ଟା ସୁବ୍ରତ କର, ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ରୋଟାରିୟାନ୍ ପି.କେ. ଡାଭେ, ସମ୍ମାନନୀୟ ଅତିଥି ଭାବେ ବିକ୍ରମ ପଣ୍ଡା ଯୋଗଦେଇ ଏହି ଉତ୍ସବ ମାଧ୍ୟମରେ ଛୋଟ ପିଲାଙ୍କର ଦକ୍ଷତା ଓ ମାନସିକତା ବୃଦ୍ଧି ପାଇଥାଏ ବୋଲି ପ୍ରକାଶ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରୋଟାରାକ୍ଟ କ୍ଲବ ଅଧ୍ୟକ୍ଷ ରୋଟାରିୟାନ୍ ସମର କୁମାର ତାଲି, ସମ୍ପାଦକ ଚିତ୍ତରଞ୍ଜନ ବେହେରା, କାର୍ଯ୍ୟକ୍ରମର ଅଧ୍ୟକ୍ଷ ସାହିଲ ହୁଡ଼ା ପ୍ରମୁଖ ସଦସ୍ୟଗଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସୁନାବେଶରେ ଦର୍ଶନ ଦେଲେ ମା'

## ୩୦ ହଜାର ଭକ୍ତଙ୍କ ସମାଗମ

**ଘଟଗାଁ,୧୫।୧(ରାଜେନ୍ଦ୍ର କୁମାର ପଟ୍ଟନାୟକ)**

କେନ୍ଦୁଝର ଘଟଗାଁ ମା' ତାରିଣୀପୀଠରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୋମବାର ୩୦ ହଜାର ଭକ୍ତଙ୍କ ସମାଗମ ହୋଇଛି। ଏଥି ସହିତ ମା' ସୁନାବେଶରେ ଦର୍ଶନଦେବା ସହିତ ମକର ଚାଉଳ ଭୋଗ ଲାଗିଥିଲା। ପ୍ରତ୍ୟୁଷରୁ ମା'ଙ୍କର ମାଜଣା, ବଡସିଂହାରବେଶ ସହିତ ମା'ଙ୍କ ସମସ୍ତ ନୀତିକାନ୍ତି କରାଯାଇ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରି ସୁନାବେଶ ହୋଇଥିଲା। ମୁଖ୍ୟ ଫାଟକ ସକାଳ ୬ ଟାରେ ଖୋଲାଯାଇଥିବା ବେଳେ ମନ୍ଦିର ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ, ପ୍ରଦୀପ ଦେହୁରୀ, ଖଗେଶ୍ୱର ଦେହୁରୀ, ନଟବର ଦେହୁରୀ ମା'ଙ୍କର ନିକଟରେ ନୂଆ ଅରୁଆ ଚାଉଳ, ଖିର, ମହୁଗୁଡ଼, କଦଳୀ, ଘିଅ, ଆଖୁ ଦ୍ୱାରା ପ୍ରସ୍ତୁତି ମକରଚାଉଳ ଭୋଗଲାଗି କରିଥିଲେ। ମକର ଚାଉଳ ସମସ୍ତ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ମନ୍ଦିର ପରିସରରେ ଥିବା ଘଟକେଶ୍ୱର ଶିବ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଲମ୍ୱାଧାଡ଼ି ଲାଗିଥିଲା। ତେବେ ଶୃଙ୍ଖଳା ଦର୍ଶନ ପାଇଁ ଭକ୍ତମାନେ ବାରିକେଟ ମଧ୍ୟରେ ମନ୍ଦିର ଭିତରକୁ ପ୍ରବେଶ କରି ଭୋଗ ଓ ପୂଜା କରିଥିଲେ। ମନ୍ଦିର ପରିସରରେ ମନ୍ଦିର କର୍ମଚାରୀ, ସୁରକ୍ଷାକର୍ମୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ରହି ଭକ୍ତଙ୍କ ଶୃଙ୍ଖଳା ଦର୍ଶନ କରିଥିଲେ।

# ବିସିଜେଡିର ୨୬ ଜଣିଆ କ୍ୟାମ୍ପସ୍ କମିଟି

**ବାରିପଦା,୧୫।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମ୍.ପି.ସି.) ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାମ୍ପସ୍ କମିଟି ଗଠନ ହୋଇଛି। ଏ ନେଇ ସୂଚନା ଦେଇଛନ୍ତି ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ରାଜ୍ୟ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ଅନ୍ୱେଷିତା ତ୍ରିପାଠୀଙ୍କ ଆବାହକତ୍ୱରେ ଗଠିତ ଏହି ୨୬ ଜଣିଆ କମିଟିରେ ରାହୁଲ ଘଡେଇ ଓ ପବିତ୍ର ଦାସ ସହ-ଆବାହକ, ଦିଲ୍ଲୀପ ସୋରେନ, ପ୍ରତ୍ୟୁଷ ମହାନ୍ତ, ପ୍ରିୟଙ୍କା ସାମନ୍ତରାୟ ଓ ଆକାଶ ରୋଜୋକ-କ୍ରୀଡ଼ା ପ୍ରତିନିଧି, ଜୟଦୀପ ସାହୁ, ବିଶ୍ୱଭୂଷଣ ଗିରି, ସମ୍ପିତ ସାହୁ ଓ ସଞ୍ଜୀବ ମହାନ୍ତ-ସାଂସ୍କୃତିକ ପ୍ରତିନିଧି, ଦିବ୍ୟଦର୍ଶିନୀ ବିଶାଳ, ଇରାମ ରେହମନ ଓ ଦେବାଶିଷ ସେଠୀ-ସାମାଜିକ କାର୍ଯ୍ୟକ୍ରମ ପ୍ରତିନିଧି, ପ୍ରିୟ ରାଜପୁତ, ଆରିଓମ ମହାନ୍ତି, ମନିଷା ପଣ୍ଡା ଓ କରୁଣାକର ପାତ୍ର-ହେଲ୍ପ ଡେସ୍କ ପ୍ରତିନିଧି, କ୍ରିଷ୍ଣା ସେଠୀ-ଛାତ୍ରାବାସ ଆବାହକ, କେପି ଜ୍ୟୋର୍ତିମୟୀ ଦାସ ଓ ଗୌରବ ମହାନ୍ତ-ଡେ ସ୍କୋଲାର୍ ସୋସାଇଟି ପ୍ରତିନିଧି ହୋଇଥିବା ବେଳେ ସତ୍ୟ ଅନନ୍ତ ଦାସ, ସଞ୍ଜୟ କୁମାର ପୁଥାଳ, ଇନ୍ଦ୍ରଜିତ ନାୟକ ଓ ଅର୍ପିତା ଚକ୍ରବର୍ତ୍ତୀଙ୍କୁ ସାମାଜିକ ଗଣମାଧ୍ୟମ ପ୍ରତିନିଧି ରୂପେ ଚୟନ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବା କାରଣରୁ ବିସିଜେଡି ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଏଭଳି କମିଟି ଗଠନ କରାଯାଉଛି । ମୁଖ୍ୟମନ୍ତ୍ରୀ ନବୀନ

# ଭୀମକୁଣ୍ଡରେ ଜମିଲା ଭିଡ଼

**ଠାକୁରମୁଣ୍ଡା,୧୫।୧(ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ଭୀମକୁଣ୍ଡ ଓ ଭୈରବ କୁଣ୍ଡରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଚଳିତ ବର୍ଷ ପ୍ରବଳ ଜନସମାଗମ ହୋଇଥିଲା। ଭୀମକୁଣ୍ଡରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ଏହି ଅବସରରେ ଭୀମକୁଣ୍ଡ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୨ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ପୋଲିସ ଅଧିକାରୀ ବ୍ରଜମୋହନ ନାୟକ, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇ, ରେଞ୍ଜ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ, ଖବରଦାତା ମଧୁସୂଦନ ନନ୍ଦ ଓ ପଦ୍ମଲୋଚନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ନିକଟ ସାଳନ୍ଦୀ ନଦୀର ବାଲିଘାଟଠାରେ ଥିବା ଭୈରବ କୁଣ୍ଡରେ ମଧ୍ୟ ପ୍ରବଳ ଜନ ସମାଗମ ହୋଇଥିଲା।






